# Akashvani, Sambalpur

## SAMBALPURI NEWS EVENING BULLETIN

**31 May 2025- 7.02 pm- 7.12 pm.**

**********************************************

୧- ତମାଖୁ ବର୍ଜନ୍ ଦିବସ୍ ଅବ୍‌ସରେ ନିଶାମୁକ୍ତ ଅଭିଯାନ୍‌ଥି ସାମିଲ୍ ହେଇକରି ସୁସ୍ଥ ଜୀବନ୍ ଶୈଳୀ ଅପ୍‌ନାବାର୍‌କେ ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ଢେଙ୍କାନାଲ୍ ଆଇଆଇଏମ୍‌ସି କାର୍ଯ୍ୟକାରିତାର୍ ସମୀକ୍ଷା କଲେ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ।

୩- ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଗଜଗଜଉଛେ ସମ୍ବଲ୍‌ପୁର୍ ସହର୍ - ଆଏଜ୍‌ରାତି ହେବା ଶିବ-ପାର୍ବତୀଙ୍କର୍ ବିହା ।

ଆଉର୍

୪- ଏସୀୟ ଏଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍‌ର ୨ ଶହ ମିଟର୍ ଦୌଡ଼ ବର୍ଗଥି କାଂସ୍ୟ ପଦକ୍ ଜିତ୍‌ଲେ ଓଡ଼ିଶାର୍ ଅନିମେଶ୍ କୁଜୁର୍ ।

ଆମ ସଂକଳ୍ପ- ମୁଖ୍ୟମନ୍ତ୍ରୀ I&PR

ମିଳିତ୍ ଚେରେଷ୍ଟା ଆର୍ ସଚେତନତା ଜରିଏ ତମାଖୁ ମୁକ୍ତ ସୁସ୍ଥ ସମାଜ୍ ଗଠନ୍ କରାଯାଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ନିଶା ଦରବ୍ ଆଉ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ନିରୋଧୀ ସଚେତନତା ଅଭିଯାନ୍ 'ଆମ ସଂକଳ୍ପ :ନିଶା ନୁହେଁ ଜୀବନ' କେ ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ପୁର୍‌ଥି ନ ଫି' ବଛର୍ ତମାଖୁ ବେଭାର୍ କରିକରି ଲାଖ୍ ଲାଖ୍ ଲୁକ୍‌କର୍ ଜୀବନ୍ ଯାଉଛେ । ଅହରହ ଚେରେଷ୍ଟା ଜରିଏ ତମାଖୁ ବର୍ଜନ୍ ଦିବସ୍‌କେ ସଫଲ୍ କର୍‌ବାର୍ ଲାଗି ଭିନ୍ ଭିନ୍ ପ୍ରତିଷ୍ଠାନ୍, ସଂଗଠନ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଆହ୍ୱାନ୍ ଦେଇଛନ୍ । ମାସେ ତକ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଲାଗି ମୁଖ୍ୟମନ୍ତ୍ରୀ ଲୋଗୋ ଆଉ ଟେଲିଭିଜନ୍ ବିଜ୍ଞାପନ୍‌ର ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଯୋଗ୍ ଦେଇକରି କହିଛନ୍...

(ଭଏସ୍ ଓଭର୍- ପୃଥ୍ୱୀରାଜ୍ ହରିଚନ୍ଦନ)

ସର୍ବଦଳୀୟ ପ୍ରତିନିଧି- ବିଦେଶ ଗସ୍ତ ଏନ୍‌ଏସ୍‌ଡି

ଅପରେସନ୍ ସିନ୍ଦୂର ବେଲ୍‌କେ ପାକିସ୍ତାନର ଆତଙ୍କବାଦୀମାନକର୍ ଜୀବନ୍ ଯିବାର୍ ଘଟ୍‌ନାକେ କଲମ୍ବିଆ ନିନ୍ଦା କରିଥିଲା । ମାତ୍ର ସାଂସଦ ଶଶି ଥରୁର୍‌ଙ୍କ ନେତୃତ୍ୱଥି ଯାଇଥିବା ପ୍ରତିନିଧି ମଣ୍ଡଲୀଙ୍କରଠାନୁ ପ୍ରକୃତ୍ ଘଟ୍‌ନା ଜାନ୍‌ବାର୍ ଉତ୍‌ରୁ ନିନ୍ଦା ପ୍ରସ୍ତାବ୍‌କେ କଲମ୍ବିଆ ପ୍ରତ୍ୟାହାର୍ କରିକରି ଭାରତ୍‌ର ଆତଙ୍କବାଦ୍ ବିରୋଧୀ ନୀତିକେ ସମର୍ଥନ୍ କରିଛେ ।

ସେଆଡ଼େ ସାଂସଦ୍ ଡକ୍ଟର ଶ୍ରୀକାନ୍ତ ଏକ୍‌ନାଥ ସିନ୍ଦେଙ୍କର ନେତୃତ୍ୱଥି ସିଏରା ଲୋନ୍ ଯାଇଥିବା ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ଆଏଜ୍ ସେନର୍ ଉପରାଷ୍ଟ୍ରପତିଙ୍କୁ ଭେଟିକରି ଅପରେସନ୍ ସିନ୍ଦୂର ଆଉ ସୀମାପାର୍ ଆତଙ୍କବାଦ୍ ବାବ୍‌ଦେ ଜନେଇଛନ୍ ।

ସାସଦ୍ ସୁପ୍ରିଆ ସୁଲେଙ୍କର ନେତୃତ୍ୱଥି ଯାଇଥିବା ପ୍ରତିନିଧି ମଣ୍ଡଲୀ ଭିଲ୍ ଆଏଜ୍ ଇଥିଓପିଆଠାନେ ନେତା ଆଉ ମନ୍ତ୍ରୀମାନଙ୍କୁ ଭେଟିକରି ଆତଙ୍କବାଦ ବିରୋଧିଥି ଭାରତର ଶୂନ୍ୟ ସହନଶୀଲ ନୀତି ବାବ୍‌ଦେ ଜନେଇଛନ୍ ।

ସୂଚନା, ପ୍ରସାରଣ୍ ମନ୍ତ୍ରଣାଳୟ ସଚିବ  ଢେଙ୍କାନାଲ୍

ସମ୍ବାଦଦାତା

କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଆଏଜ୍ ଢେଙ୍କାନାଲ୍ ଠାନେ ଥିବା ଭାରତୀୟ ଜନସଂଚାର୍

ସଂସ୍ଥାନ୍ - ଆଇଆଇଏମ୍ସି ଆସିକରି ଭିନ୍ ଭିନ୍ କାମ୍ର ସମୀକ୍ଷା କରିଛନ୍ । ଆଇଆଇଏମ୍ସିର୍ ଭିତିଭୂମିର୍ ବିକାଶ୍, ଶିକ୍ଷକ୍ ଶିକ୍ଷୟିତ୍ରୀ ନିଯୁକ୍ତି, ନୂଆଁ ପାଠ୍ୟକ୍ରମ୍, ସ୍ନାତକୋତର ଡିଗ୍ରୀ ବ୍ୟବସ୍ଥା ବାଗିର୍ ବିଷେଥି ସଂସ୍ଥାନ୍ର ଆଂଚଲିକ୍ ନିର୍ଦ୍ଦେଶକ୍ ପ୍ରଫେସର୍ ଆନନ୍ଦ ପ୍ରଧାନ୍ଙ୍କର୍ ସହେତେ ସଚିବ ଶ୍ରୀ ଜାଜୁ ଆଲୋଚନା କରିଛନ୍ । ଇତାର୍ ଉତ୍ରୁ ଶ୍ରୀ ଜାଜୁ ପୁରୀକେ ଯାଇକରି ମାହାପୁରୁମାନ୍କର୍ ଦର୍ଶନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ-ଦୁଗ୍ଧ ଚାଷୀ ସାହାଜ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଦୁଗ୍ଧ ଚାଷ୍କେ ଦୁଇଗୁନା କର୍ବାର୍ ଲାଗି ଆଏବା କାଏଲ୍ ଦୁଗ୍ଧ ଦିବସ୍ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୭୫ ଟା ଗୋଶାଲାକେ ୧୦ କୋଟି ୫୦ ଲାଖ୍ ଟଙ୍କାର୍ ସାହାଜ୍ ଦେବେ ବଲି ମସ୍ୟ ଆଉ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ସେ କହିଛନ୍, ଆଘୋନୁ ୬୬ ଟା ଗୋଶାଲାକେ ୯ କୋଟି ୮୦ ଲାଖ୍ ଟଙ୍କା ଦିଆଯାଇଛେ । ସର୍କାର୍ କାମ୍ଧେନୁ ଯୋଜ୍ନାଥି ୭୦ ପ୍ରତିଶତ୍ ଚାଷୀମାନ୍କୁ ଗାଇ ଯୁଗେଇ ଦଉଛନ୍ । ଓମ୍ଫେଡ୍ ସଂସ୍ଥାକେ ଭିଲ୍ ଅଏତ୍କା କ୍ରୀୟାଶୀଳ କର୍ବାର୍ ସହେତେ ଚାଷୀମାନ୍କୁ ଗୋଖାଦ୍ୟ ଆଉ ଘାସ୍ ଚାଷ୍ ଲାଗି

ସାହାଜ୍ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ-ବଡ଼ରମା ଅଭୟାରଣ୍ୟ ପରିଦର୍ଶନ

ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ଗସ୍ତ କରିକରି ବାମ୍ରା ବନଖଣ୍ଡ ଜମନ୍‌କିରା ବ୍ଲକ୍ ବଡ଼ରମା ଅଭୟାରଣ୍ୟ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ବନଖଣ୍ଡ ଅଧିକାରୀମାନ୍‌କର୍ ସାଙ୍ଗେ ଅଭୟାରଣ୍ୟର୍ ବିକାଶ୍ ବାବ୍‌ଦେ ଆଲୋଚନା କରିଛନ୍ । ଅଭୟାରଣ୍ୟର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଅଧିକାରୀମାନେ ଶ୍ରୀ ପ୍ରଧାନ୍‌ଙ୍କୁ ଜନେଇଛନ୍ । ଅଭୟାରଣ୍ୟ ନ ଇହାଦେ ଭିଲ୍ ୨୮ ଟା ଗାଁ ଥିଲା ବେଲ୍‌କେ ୨୭ ଶହ ନୁ ଅଏତ୍‌କା ଲୋକ୍ ରହୁଛନ୍ । ସେମାନ୍‌କର୍ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ୍ ବାଗିର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କର୍‌ବାର୍ ଲାଗି ଶ୍ରୀ ପ୍ରଧାନ୍ ଜିଲ୍ଲାପାଲ୍‌ଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ , ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆର୍ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ଶୀତଲ୍‌ଷଷ୍ଠୀ           ସମ୍ବଲପୁର୍ ସମ୍ବାଦଦାତା

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ଆଏଜ୍ ଦେବଦେବ ମହାଦେବ ବରବେଶଥି ସଜେଇ ହେଇକରି କନ୍ୟା ଘର୍‌କେ ବରାତି ଯିବେ । ବ୍ରାହ୍ମମୁହୂର୍ତଥି ଦେବଦମ୍ପତିଙ୍କର୍ ଲୌକିକ ବିହା ହେବା । ଇଥିର୍‌ଲାଗି ଶିବ ମନ୍ଦିର୍ ମାନ୍‌କେ ପ୍ରସ୍ତୁତି ଚାଲିଛେ । ପାର୍ବତୀଙ୍କର୍ କନ୍ୟାପକ୍ଷ ଭୂମିକାଥି ଥିବା ଦମ୍ପତି ମାନେ ବରବେଶଥି ମହାଦେବଙ୍କୁ ସ୍ୱାଗତ୍ କର୍‌ବାର୍ ଲାଗି ଉତ୍ସନାକିଥି ଟାକି ରହିଛନ୍ । ପୁରା ଲୋକାଚାର ଆର୍ ବୈଦିକ୍ ରୀତିନୀତିଥି ହେବାର୍‌କେ ଥିବା ଦେବବିବାହ ଲାଗି କନ୍ୟାପକ୍ଷ ନିଜର୍ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ୍ କରିଥିବାର୍ ବେଲେ ବିହା ଉତ୍‌ରୁ ଝି’ ପାର୍ବତୀଙ୍କୁ ଭୁଆସେନ୍ ଦେବାର୍ ଲାଗି ଭିନ୍ ଭିନ୍ ଅଲଙ୍କାର୍ ଘରକରା ଦରବ୍ ଠୋଲ୍ କରି ରଖିଛନ୍ । ଶୀତଲ୍‌ଷଷ୍ଠୀ ହେଉଥିବାର୍ ଶିବ ମନ୍ଦିର୍ ମାନ୍‌କେ ଆଏଜ୍ ସଖାଲ୍‌ବେଲା ଅଭିଷେକ କରାଯାଇଛେ । ଇତାର୍‌ଛଡ଼ା ଆଏଜ୍ ଗଣ୍ଠାଳ ଖୁଲ୍‌ବାର୍ ନୀତି ଉତ୍‌ରୁ ଇ ବଛର୍‌ର କନ୍ୟା ପିତାମାତାର ପରିବାର୍ ପାର୍ବତୀଙ୍କୁ ନିଜର୍ ନିଜର୍ ଘର୍‌କେ ନେଇଛନ୍ । ସେଠାନେ ଦେବୀ ପାର୍ବତୀଙ୍କୁ ରୀତିନୀତି ଅନ୍‌ସାରେ ପୂଜା କରିଛନ୍ । ଆଏବା କାଏଲ୍ ଅଧାରାତି ଦେବଦମ୍ପତି ନଗର୍ ପରିକ୍ରମା ଯାତ୍ରାଥି ବାହାରିକରି ୨ ତାରିଖ୍ ଉପର୍‌ବେଲା

ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ । ଇ ବାବ୍‌ଦେ ଝାଡୁଆପଡ଼ା ଯାତ୍ରା କମିଟିର ଝନେ ସଦସ୍ୟ କହିଛନ୍...

(ଅନୁପମ୍ ମିଶ୍ର)

ଶୀତଲ୍‌ଷଷ୍ଠୀ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଜମନ୍‌କିରା ବ୍ଲକ୍ ଠାନେ ଥିବା ପଶ୍ଚିମମୁହାଁ ପ୍ରସିଦ୍ଧ ଶୈବପୀଠ ମୁକ୍ତେଶ୍ୱର୍ ମନ୍ଦିର୍ ଠାନେ ବାବାଙ୍କର୍ ଦର୍ଶନ୍ କରିଛନ୍ । ଜମନ୍‌କିରା ଠାନେ ଗୁଟେ ବାଇକ୍ ଶୋଭାଯାତ୍ରାଥି ଶ୍ରୀ ପ୍ରଧାନ୍ ମୁକ୍ତେଶ୍ୱର୍ ମନ୍ଦିର୍ କେ ଯାଇଥିଲେ । ସେଆଡ଼େ ସୁବର୍ଣ୍ଣପୁର୍‌ର ବାବା ସୁବର୍ଣ୍ଣମେରୁଙ୍କର୍ ସହେତେ ବୈଦ୍ୟନାଥର ବାବା କୋଶଲେଶ୍ୱର୍, ଚରଦାର ବାବା କପିଲେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର୍, ଗୋଧନେଶ୍ୱର୍‌ଙ୍କର୍ ଆଏଜ୍ ଧାରିଜ୍ ସମିଆଥି ବରାତି ବାହାରିଥିଲା ବେଲେ ରାତି ଶିବ ପାର୍ବତୀଙ୍କର୍ ବିହା ହେବା । ମହାଦେବ୍‌ଙ୍କର୍ ବରାତିଥି ଅଷ୍ଟ ହନୁମାନ୍, ଅଷ୍ଟଶମ୍ଭୁ ଆଉ ଅଷ୍ଟ ବିଷ୍ଣୁ ଭିଲ୍ ବାହାରିଛନ୍ ।

## ବିଶ୍ୱ ତମାଖୁ ବର୍ଜନ୍ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ତମାଖୁ ସେବନ ଆର୍ ସ୍ୱାସ୍ଥ୍ୟ ଉପ୍‌ରେ ଇତାର୍ କୁପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍

ତର୍ଫୁ ୧୯୮୮ ମସିହା ଠାନୁ  ପାଲନ୍ ହେଉଥିବା ଇ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ 'ତମାଖୁ ସେବନର ନିବେଦନ୍‌କେ ପ୍ରତ୍ୟାଖ୍ୟାନ୍ କର୍‌ବାର୍ଃ ତମାଖୁର୍ ପ୍ରଚାର୍ ପ୍ରସାର୍ କରୁଥିବା ବ୍ୟବସାୟିକ କୌଶଲ୍‌ର ସତ୍ୟତା ବାହାର୍‌କେ ବାହାର୍ କରାବାର୍' ।

ତମାଖୁ ବର୍ଜନ ଦିବସ-କଲାହାଣ୍ଡି            କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କର୍ ସହେତେ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଯୋଗ୍ ଦେଇକରି ତମାଖୁ ସେବନର କୁପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରିଥିଲେ । ଇ ଅବ୍‌ସରେ ତମାଖୁ ବର୍ଜନ୍ କର୍‌ବାର୍ ଲାଗି ଲୁକ୍‌କୁ ଶପଥ୍ ପାଠ୍ କରାଯାଇଥିଲା ।

କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ-ପ୍ରଶିକ୍ଷଣ ଶିବିର I&PR

କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ଆଉ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ୍ ତର୍ଫୁ 'ତଥ୍ୟ ବ୍ୟାଖ୍ୟା ଏବଂ

ଅର୍ଥନୈତିକ ଫଳାଫଳ ବିଶ୍ଳେଷଣ ଉପରେ କ୍ଷମତା ସୁଦୃଢ଼ିକରଣ’ ଶୀର୍ଷକ୍‌ଥି ପ୍ରଶିକ୍ଷଣ ଶିବିର ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ବିଭାଗୀୟ ଅତିରିକ୍ତ ସଚିବ ସୁଭ୍ରାଂଶୁ ମିଶ୍ର ଉଦ୍‌ଘାଟନ୍ କରିକରି ଯୋଜ୍‌ନା ଆଉ ମୂଲ୍ୟାଙ୍କନ୍ ଲାଗି ତଥ୍ୟର୍ ଉପଯୋଗ୍ ଓଡ଼ିଶା କୃଷି କ୍ଷେତ୍ରର୍ ବିକାଶ୍ ଲାଗି ଭଲ୍ ଫଲ୍ ଦେଉଛେ ବଲି କହିଛନ୍ ।

ବିକାଶ୍ ମେଳା ପ୍ରସ୍ତୁତି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ବିକାଶ୍ ମେଳା ଆଉ ପାରମ୍ପରିକ୍ ଖାଦ୍ୟ ଉତ୍ସବ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସହରର୍ କଚ୍‌ରୀ ପଡ଼ିଆ ଠାନେ ଆଏବା ମାସର୍ ୧୧ ତାରିଖ୍‌ନୁ ୨୦ ତାରିଖ୍‌ତକ୍ ଇ ଉତ୍ସବ୍ ଆୟୋଜନ୍ ଲାଗି ନିଷ୍ପତି ନିଆଯାଇଛେ । ଇ ଅବ୍‌ସରେ ଜିଲ୍ଲା ନ ୩ ଟା ସଚେତନତା ରଥ ବାହାରିକରି ବୌଦ୍ଧ, ହର୍‌ଭଙ୍ଗା, କଂଟାମାଲ୍ ବ୍ଲକ୍ ଆଉ ବୌଦ୍ଧ ବିଜ୍ଞପିତ ପରିଷଦ ଅଂଚଲ ବୁଲ୍‌ବା ।

ନୂଆପଡ଼ା-ବର୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଲଘୁଚାପ୍ ବର୍ଷା ଲାଗି ଜୀବନ୍ ଯାତ୍ରା ପ୍ରଭାବିତ୍ ହେବାର୍ ସହେତେ ଧାନ୍ ଅମଲ୍ କାମ୍ ପ୍ରଭାବିତ୍ ହେଇଛେ । କ୍ଷେତ୍ ମାନ୍‌କେ ଧାନ୍ ବତ୍‌ରିକରି ଗଜା ହେଇଥିବାର୍ ବେଲ୍‌କେ ସର୍‌କାର୍ ଫସଲ୍ ନୁକ୍‌ସାନ୍‌ର ଆକଲନ୍ କର୍‌ବାର୍‌କେ ଚାଷୀମାନେ ଦାବି କରିଛନ୍ ।

ପୁଓ, ଝିଅ ଅନୁପାତ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଆଉ ବୌଦ୍ଧ ବ୍ଲକ୍ ନ ୨୦୨୪-୨୫ ବଛରେ ଝି' ମାନ୍‌କର୍ ଅପେକ୍ଷା ପୁଓ ମାନ୍‌କର୍ ସଂଖ୍ୟା ଅଏତ୍‌କା ରହିଛେ ବଲି ଗୁଟେ ସର୍ବେକ୍ଷଣ୍ ରିପୋର୍ଟନୁ ଜନାପଡ଼ିଛେ । ଇ ବାବ୍‌ଦେ ରିପୋର୍ଟ ଦେବାର୍‌କେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲା ଉପଦେଷ୍ଟା କମିଟି ବୈଠକ୍‌ଥି ବେଆଇନ୍ ଲିଙ୍ଗ ନିରୂପଣ୍ ରୁକ୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ନିଷ୍ପତି ନିଆଯାଇଛେ ।

ଅନିମେଶ କୁଜୁର ଏକ୍ସ

ଦକ୍ଷିଣ କୋରିଆଠାନେ ଚାଲିଥିବା ଏସିଏନ୍ ଏଥ୍ଲେଟିକ୍ସ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶାର୍ ଅନିମେଶ କୁଜୁର ୨ ଶହ ମିଟର ବର୍ଗଥି କାଂସ୍ୟ ପଦକ୍ ଜିତିଛନ୍ । ୨୦ ଦଶମିକ ୩/୨ ସେକେଣ୍ଡଥି  ସେ ୨ ଶହ ମିଟର ଦୌଡ଼ିକରି ନୂଆ ଜାତୀୟ ରେକର୍ଡ ଥାପ୍‌ନା କର୍‌ବାର ସହେତେ ରାଜ୍ୟ ଆଉ ଦେଶ ଲାଗି ଗୌରବ୍ ଆନିଛନ୍ । ତାଙ୍କର ଇ ସଫଲ୍‌ତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନିମେଶଙ୍କୁ ଶୁଭେଚ୍ଛା ଜନେଇଛନ୍ । କ୍ରୀଡ଼ା କ୍ଷେତ୍ରଥି ଆହୁରି ନୂଆ କିର୍ତୀ ଥାପ୍‌ନା କରୁନ୍ କଲି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଦୁର୍ବଲ୍ ହେବାର୍ ସହେତେ ଉତର୍ ପୂର୍ବ ଆସାମ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକାକେ ଗତି କରିଛେ । ଇତାର୍‌ବଲେ ଓଡ଼ିଶାର୍ ବଡ଼ଭାଗୀ ଜାଗା ନ ଆଏଜ୍ ବର୍ଷା ହେଇଥିବାର୍ ବେଲେ ବର୍‌ଗଡ୍, ଦେବ୍‌ଗଡ୍, ନୂଆପଡ଼ା, ସୁନ୍ଦର୍‌ଗଡ୍ ସହେତେ ୮ ଟା ଜିଲ୍ଲା ନ ଅପର୍‌ବଲ୍ ବର୍ଷା ରେକର୍ଡ଼ କରାଯାଇଛେ । ଆଏବା କାଏଲ୍ ଭିଲ୍ ପଶ୍ଚିମ ଓଡ଼ିଶା ସହେତେ ସାରା

ରାଏଜେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ୍ କରିଛେ ।